ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

କ୍ର.ନଂ. *1216* ସପ୍ତାହକ୍ର.ସଂ. - 41 ତାରିଖ - 09..10.2018

(ସୌଜନ୍ୟ – ଓୟୁଏଟିସ୍ଥିତ କୃଷିପାଣିପାଗ ଉପବିଭାଗ ଓ ଓଡ଼ିଶାସରକାରଙ୍କ କୃଷିନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟନିର୍ଦ୍ଦେଶାଳୟ)

# ଝଡବାତ୍ୟା 'ତିତଲି୍'

ବିଗତ ୬ ଘଣ୍ଟା ମଧ୍ୟରେ ପଶ୍ଚିମ ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟ ହୋଇଥିବା ଝଡବାତ୍ୟା-'ତିତଲି୍' ଘଣ୍ଟା ପ୍ରତି ୧୦ କିମି ବେଗରେ ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି-, ଏବେ ଏହା ଦକ୍ଷିଣ ୫୧୦ ପୂର୍ବ ଗୋପାଳପୁର ଠାରୁ-ଦକ୍ଷିଣପୂର୍ବ କଳିଂଗପଟନ-କିମି ଏବଂ ପୂର୍ବମ୍ ଠାରୁ ୪୬୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ଆସନ୍ତା ୧୮ ଘଣ୍ଟା ମଧ୍ୟରେ ଅବପାତ ଅଧିକ ଘନୀଭୂତ ହୋଇ ଝଡ ବାତ୍ୟାରେ ପରିଣତ ହେବ । ଆସନ୍ତା ୧୧ ତାରିଖ ସକାଳ ସୁଦ୍ଧା ଏହା ଉତ୍ତରକ ପଶ୍ଚିମଗାମୀ ହୋଇ ଓଡିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟବର୍ତ୍ତୀ ଅଞ୍ଚ-ଯାହାକି ଗୋପାଳପୁର ଏବଂ କଳିଂଗପଟନମ୍ ମଧ୍ୟବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବ । ପୁଣି ଏହା ଉତ୍ତର ପଶ୍ଚିମ-ଦିଗକୁ ମୋଡି ହୋଇ ଓଡିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଗାଙ୍ଗେୟ ଉପତ୍ୟକାକୁ ଗତି କରି ଧିରେ ଧିରେ ଦୁର୍ବଳ ହୋଇଯିବ ।

## ବର୍ଷା ପୂର୍ବାନୁମାନ

**09.10.2018:** ସନ୍ଧ୍ୟା କିମ୍ବା ରାତ୍ରରୁ ଦକ୍ଷିଣ ଉପକୂଳ ଓଡ଼ିଶାର ଅନେକାଂଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ପବନର ବେଗ ଘଣ୍ଟାପ୍ରତି 45ରୁ 65କିମି ରହିବ।

**10.10.2018:** ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ପବନର ବେଗ ଘଣ୍ଟାପ୍ରତି 125-100କିମି ରହିବ।

**11.10.2018:** ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି, ଉପକୂଳ ଏବଂ ନିକଟବର୍ତ୍ତୀ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ବିଶେଷ କୃଷି ଉପଦେଶ

- ପରିପକ୍ୱ ଅଳ୍ପଦିନିଆ ଧାନକୁ ଅମଳ କରନ୍ତୁ ଏବଂ ଅମଳ ଧାନକୁ ସୁରକ୍ଷିତ ସ୍ଥାନକୁ ଆଣନ୍ତୁ ।
- ପରିପକ୍ୱ ଡାଲିଜାତୀୟ ଫସଲକୁ ଅମଳ କରନ୍ତୁ ଏବଂ ଅମଳ ଫସଲକୁ ସୁରକ୍ଷିତ ସ୍ଥାନକୁ ଆଣନ୍ତୁ ।
- ଉପଯୁକ୍ତ ମୂଲ୍ୟ ପାଇବାପାଇଁ ପନିପରିବା ,ଫୁଲ ଏବଂ ଫଳକୁ ବାତ୍ୟା ହେବା ପୂର୍ବରୁ ଅମଳ କରିଦିଅନ୍ତୁ ।
- କଦଳୀ ଗଛରେ ଭରା ଦିଅନ୍ତୁ ।
- ଚକଡା ପୋକର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସୁରକ୍ଷା ପରିମାପ ଅବଲମ୍ବନ କରନ୍ତୁ ।
- ବାତ୍ୟା ପୂର୍ବରୁ କିମ୍ବା ପରେ ଧାନ ଏବଂ ଅଣଧାନ ଫସଲର ରୋଗ ଓ ପୋକ ପରିଚାଳନା ନିମନ୍ତେ ଉପଯୁକ୍ତ ସୁରକ୍ଷା ପରିମାପ ଅବଲମ୍ବନ କରନ୍ତୁ ।

- ବାତ୍ୟା ସରିବା ପର୍ଯ୍ୟନ୍ତ କୋବି ଜାତୀୟ ଫସଲକୁ ନରସରୀରେ ଲଗେଇବା ପାଇଁ ଅପେକ୍ଷା କରନ୍ତୁ ।
- ବର୍ଷାପରେ ପନିପରିବା ଯଥା -ମୂଳା ,ଫୁଲକୋବି ,ବନ୍ଧାକୋବି ,ବିନସ୍ , ଝୁଡଙ୍ଗ ଲଗାନ୍ତୁ ଏବଂ ଶୀଘ୍ର ଅମଳର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଦିନ ସମୟରେ ଅତ୍ୟଧିକ ତାପମାତ୍ରାରୁ ଦୂରେଇ ରଖନ୍ତୁ ।
- ବର୍ଷା ଛାଡିବା ପରେ ଘାସ ବାଛି ଅଧିକ ଦିନିଆ ଧାନରେ ପିଲ ହେବା ସମୟରେ ଶୀର୍ଷସାର ପ୍ରୟୋଗ କରନ୍ତୁ ।

## ସାଧାରଣ କୃଷି ଉପଦେଶ

### ଖରିଫ ଧାନ

### ରୁଆ ଧାନ-ରୋଗ ପୋକ ନିୟନ୍ତ୍ରଣ

- ବର୍ତ୍ତମାନ ପାଗରେ ମୁଖ୍ୟ କିଆରୀରେ ଧାନରେ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ନଳୀ ପୋକ, ଓ ମହୀଷା ରୋଗ ଲାଗିବାର ସମ୍ଭାବନା ଦେଖାଯାଇଛି | ଯଦି ଆର୍ଥିକ ଦେହେଳୀ ସୀମା ଅତିକ୍ରମ ହୋଇଯାଇଛି, ତେବେ ରୋଗ ପୋକର ଦମନପାଇଁ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରନ୍ତୁ |

| | **ପୋକ** | **ଆର୍ଥିକ ଦେହଳୀ ସିମା** | **ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ** | **ମାତ୍ରା** |
|---|---|---|---|---|
| 1. | କାଣ୍ଡବିନ୍ଧା ପୋକ | ଶତକଡା 5 ମଲାମଂଜ | ମନୋକ୍ରୋଟଫସ / ଟ୍ରାୟୋଜଫସ / କ୍ଲୋରୋପାଇରିଫସ | ଏକର ପ୍ରତି 400 ମିଲି |
| 2. | ପତ୍ରମୋଡା ପୋକ | ବୁଦାପ୍ରତି 1 ରୁ 2 ସଦ୍ୟ ଆକ୍ରାନ୍ତ ପତ୍ର | କ୍ଲୋରୋପାଇରିଫସ୍ | ଏକର ପ୍ରତି 400 ମିଲି |
| 3. | ନଳୀ ପୋକ | ବୁଦାପ୍ରତି 1 ରୁ 2 ନଳୀ | ଏଣ୍ଡୋସଲଫାନ / ଟ୍ରାୟୋଜୋଫସ | ଏକର ପ୍ରତି 400 ମିଲି |
| 4. | ମାଟିଆଗୁଣ୍ଡି ପୋକ | ବୁଦାପ୍ରତି 10 ଟି ପୋକ | ଇଥୋଫେନପ୍ରକ୍ସ କିମ୍ବା ଫୋସାଲୋନ୍ | ଏକର ପ୍ରତି 200 ଗ୍ରାମ୍ ଏକର ପ୍ରତି 500 ଗ୍ରାମ୍ |
| 5. | ମହିଷା ରୋଗ | ଶତକଡା 5 ଭାଗ ରୋଗ ଆକ୍ରମଣ | ବିମ୍ | ଏକର ପ୍ରତି 150 ଗ୍ରାମ୍ |
| 6. | ବୀଜାଣୁ ଜନିତ ପତ୍ରପୋଡା ରୋଗ | ସାମାନ୍ୟ | ଷ୍ଟ୍ରେପ୍ଟୋମାଇସିନ୍ ସଲ୍ଫେଟ୍ 90% + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ | ଏକର ପ୍ରତି 200 ଗ୍ରାମ୍ |
| 7. | ପ୍ରତ୍ରାଛାଦ ପୋଡା ରୋଗ | 10% କିମ୍ବା ଅଧିକ ଆକ୍ରାନ୍ତ ପିଲ | ମେଟାଲାକ୍ସିଲ୍ | ଏକର ପ୍ରତି 400 ଗ୍ରାମ୍ |

### ରବି ଚିନାବାଦାମ

- ନଦୀ ପଠାରେ ବର୍ତ୍ତମାନ ଚିନାବାଦାମ ଫସଲ ବୁଣିବା ପାଇଁ ଜମି ପ୍ରସ୍ତୁତ କରି ବୁଣା ବୁମି କାମ ଆରମ୍ଭ କରନ୍ତୁ | ଓଡ଼ିଶାର ଜଳବାୟୁ ପାଇଁ ଟିଏମ୍ ଭି-3, ଡିଓଜି-24, ସ୍ମୃତି, ଜବାନ, କିଶାନ, ଜେ ଏଲ୍-24 ଆଦି କିସମ ଲଗାନ୍ତୁ |
- ଏକର ପ୍ରତି ଚୋପା ଅଛଡା 60 କିଗ୍ରା ବିହନ ବୁଣନ୍ତୁ |
- ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ | 1 କିଗ୍ର ବିହନକୁ 3 ଗ୍ରାମ୍ ଥିରାମ୍ କିମ୍ବା 2 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ | ଏହାର ସାତ ଦିନ ପରେ ବୁଣିବା ଦିନ ବିହନକୁ 400 ଗ୍ରାମ୍ ରାଇଜୋବିୟମ୍ କଲଚର୍ ରେ ମିଶାଇ ଉପଚାର କରନ୍ତୁ |
- ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି 2 ଟନ୍ ଗୋବର ଖତ, ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (8 କିଗ୍ରା ଯବକ୍ଷାରଜାନ, 16 କିଗ୍ରା ଫସଫରସ୍ ଓ 16 କିଗ୍ରା ପଟାସ୍ ମୂଳସାର ଆକାରରେ ଦିଅନ୍ତୁ|
- ଧାଡ଼ିକୁ ଧାଡ଼ି 25 ସେମି ଏବଂ ଗଛକୁ ଗଛ 10 ସେମି ବ୍ୟବଧାନ ରଖି ମଞ୍ଜି 3 ସେମି ଗଭୀରରେ ବୁଣନ୍ତୁ |
- ଭଲ ଗଜା ପାଇବା ପାଇଁ ମାଟିରେ ବତର ଥାଇ ବିହନ ବୁଣନ୍ତୁ |
- ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ |

- ବୁଣିବା କାମ ବିଳମ୍ବ ଥିଲେ ଚିନାବାଦାମ ଚୋପା ଛଡାଇ ଅଧିକ ଦିନ ରଖନ୍ତୁ ନାହିଁ |

**ସୋରିଷ**

❖ ଅଣଜଳସେଚିତ ଜମିରେ ସୋରିଷ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ | ବର୍ଷା ପରେ ସେପ୍ଟେମ୍ବର ମାସ ଶେଷ ସପ୍ତାହରୁ ଅକ୍ଟୋବର ମାସ ଦ୍ଵିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାର ଜଳବାୟୁ ପାର୍ବତୀ, ଅନୁରାଧା, ଟି.ଏସ୍-29, ଏମ୍-27 ଆଦି କିସମ ଲଗାନ୍ତୁ | ଏକର ପ୍ରତି 3 ରୁ 4 କିଗ୍ରା ବିହନ ବୁଣନ୍ତୁ |

❖ ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ | 1 କିଗ୍ର ବିହନକୁ 3 ଗ୍ରାମ୍ ଥିରାମ୍ କିମ୍ବା 2 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ | ବୁଣିବା ଦିନ ବିହନକୁ 200 ଗ୍ରାମ୍ ପି.ଏସ୍.ବି କଲଚର୍ ରେ ମିଶାଇ ଉପଚାର କରନ୍ତୁ |

❖ ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି 2 ଟନ୍ ଗୋବର ଖତ, 12 କିଗ୍ରା ଯବକ୍ଷାରଜାନ, 6 କିଗ୍ରା ଫସଫରସ୍ ଓ 6 କିଗ୍ରା ପଟାସ୍ ମୂଳସାର ଆକାରରେ ଦିଅନ୍ତୁ|

❖ ଧାଡ଼ିକୁ ଧାଡ଼ି 30 ସେମି ଏବଂ ଗଛକୁ ଗଛ 10 ସେମି ବ୍ୟବଧାନ ରଖି ମଞ୍ଜି 3 ସେମି ଗଭୀରରେ ବୁଣନ୍ତୁ |

**ମାଣ୍ଡିଆ**

❁ ମାଣ୍ଡିଆରେ 85 ଭାଗ କେଣ୍ଡା ପାଚି ଯାଇଥିଲେ କେଣ୍ଡାକୁ କାଟି ଖଳାକୁ ବୋହି ଆଣନ୍ତୁ | ଖରାରେମ ଭଲ ଭାବରେ ଶୁଖାଇ ଅମଳ କରି ନିଅନ୍ତୁ |

**ମକା**

❖ ବର୍ତ୍ତମାନ ମକା ଫସଲରେ ଭଣ୍ଡାଖିଆ ପୋକ ଲାଗିବାର ଦେଖାଯାଇଛି | ତେଣୁ ଏହାର ଦମନ ପାଇଁ ସମନ୍ୱିତ ପରିଚାଳନା ମାଧ୍ୟମରେ ଏକର ପ୍ରତି 100 ଶୁକ ସମତୁଲ ଏଚ୍ ଏନ୍. ପି. ଭି .ସକାଳ ବା ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ |

**ନଳିତା ସଢାଇବା ପ୍ରଣାଳୀ**

❖ ନଳିତା ସଢାଇବାପାଇଁ ପରିଷ୍କାର ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ | ଏହା ତନ୍ତୁରୁ ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏ ନାହିଁ | ସ୍ଥିର ପାଣି ଅପେକ୍ଷ ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳୀତା ସଢାଇବା ପାଇଁ ଅଧିକ ଉପଯୋଗି |

❖ ଗଛର ମୂଳଭାଗ ଅପେକ୍ଷାକୃତ ଭାବରେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ସଢିବା ଦରକାର କରିଥାଏ | ଏଥିପାଇଁ ବିଡାଗୁଡିକୁ 60 ସେମି ପାଣିଥିବା ସ୍ଥାନରେ 2-3 ଦିନ ଠିଆକରି ରଖାଯାଏ | ତାପରେ ଗଛର ମୂଳ ଅଂଶ କୁ ସାମାନ୍ୟ ବାଡେଇ 5-10 ଭାଗ ୟୁରିଆ ଦ୍ରବଣ ରେ ଏକ ମିନିଟ୍ ବୁଡାଇ ରଖାଯିବା ପରେ ବିଡାଗୁଡିକୁ ସମ୍ପୁର୍ଣ୍ଣଭାବେ ବୁଡାନ୍ତୁ |

❖ ଭେଳାରେ ତଳ ଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ | ଭେଳାରେ ଉପର ଅଂଶରେ 30 ରୁ 40 ଭାଗ ସେମି ପାଣି ରଖନ୍ତୁ |

**ଖରିଫ ଡାଲି ଫସଲ**

**ହରଡ଼-**

❁ ହରଡ଼ରେ ଫୁଲ ଫୁଟିବା ଆରମ୍ଭ ହେଲେ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି | ତେଣୁ ଏହାର ଦମନ ପାଇଁ ପୋକ ଗୁଡିକୁ ସଂଗ୍ରହ କରି କିରୋସିନିରେ ପକାଇ ମାରି ଦିଅନ୍ତୁ |

❁ ଏହି ସମୟରେ ହରଡରେ ଅଗ ଓ ପତ୍ରମୋଡା ପୋକ ଲାଗିବାର ସମ୍ଭାବନା ଥାଏ | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ଏଣ୍ଡୋସଲ୍ଫାନ୍ ମିଶାଇ ସିଂଚନ କରନ୍ତୁ |

**ମୁଗ ଓ ବିରି**

❁ ଖରିଫ ମୁଗ ଓ ବିରି ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରି ନିଅନ୍ତୁ | ଅମଳ ପରେ ମୁଗ ଓ ବିରିକୁ ଭଲଭାବେ ଖରାରେ ଶୁଖାଇ ରଖନ୍ତୁ|

**ଚିନାବାଦାମ**

- ଖରିଫ ଚିନାବାଦାମ ପାକଳ ହୋଇଯାଇଥିଲେ ଗଛକୁ ଉପାଡି ଦିଅନ୍ତୁ | ଗଛ ଗୁଡିକୁ ବିଡା ବାନ୍ଧି ପ୍ରଥମେ ଚେର

ଉପରକୁ ଓ ଗଛ ତଳକୁ କରି ଖରାରେ ଶୁଖାଇ ଦିଅନ୍ତୁ | ଦିନେ ଦୁଇ ଦିନ ପରେ ଗଛରୁ ବାଦାମ ଗୁଡିକ ଛିଡାଇ ଖରାରେ ଭଲ ଭାବେ ଖଡଖଡିଆ କରି ଶୁଖାଇ ସାଇତି ରଖନ୍ତୁ |

- ବର୍ତ୍ତମାନ ବାୟୁମଣ୍ଡଳର ଆର୍ଦ୍ରତା ଅଧିକ ରହୁଥିବାରୁ ସର୍କୋସ୍ପୋରା ଜନିତ ପତ୍ରପୋଡା ଦାଗ ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 3 ଗ୍ରାମ୍ ଇଣ୍ଡୋଫିଲ୍-ଏମ୍-45 ମିଶାଇ ସିଂଚନ କରନ୍ତୁ | ଏହା ମଧ୍ୟ ଅଲ୍ଟରନାରିଆ ପତ୍ରପୋଡା ରୋଗକୁ ଦମନ କରିବ |
- ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ସମ୍ଭାବନା ଥାଏ | ଏଗୁଡ଼ିକର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ସାଫ୍ କିମ୍ବା କମ୍ପାନିୟନ୍ କିମ୍ବା ସିକ୍ସର ମିଶାଇ ସିଞ୍ଚନ କରନ୍ତୁ |

**କପା**

- ❖ କପା ଫସଲରେ ଆମେରୀକୀୟ ଓ ଚିତ୍ରିତ ବକରା କୀଟ ଲାଗିବାର ଦେଖାଯାଏ | ପୋକ ଗୁଡିକର ଗତିବିଧି ନିୟନ୍ତ୍ରଣ ପାଇଁ ଏକର ପ୍ରତି 2 ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ |
- ❖ ଏକର ପ୍ରତି 20 ହଜାର ଟ୍ରାଇକୋଗ୍ରାମା ଚିଲୋନିସ୍ କୁ 10 ଦିନ ବ୍ୟବଧାନରେ ଦୁଇ ଥର ଛାଡନ୍ତୁ | ଏକର ପ୍ରତି 20 ହଜାର ଟ୍ରାଇକୋଗ୍ରାମ୍ ଅଣ୍ଡାନାଶୀ କୀଟ କୁ (କେବଳ ଆମେରୀକିୟ ହକାରା ପୋକ ପାଇଁ) 10 ଦିନ ବ୍ୟବଧାନ ରେ ଦୁଇ ଥର ଛାଡନ୍ତୁ | ଏକର ପ୍ରତି 200 ଶୁକ ସମତୁଲ ଏଚ୍.ଏନ୍.ପି.ଭି. କିମ୍ବା ଏକ ଲିଟର ଏଣ୍ଡୋସଲଫାନ୍ ସିଂଚନ କରନ୍ତୁ | କପା ଫସଲ ରେ ଜଉ ପୋକ, ପତ୍ରଡିଆଁ ପୋକ ଭଳି ଶୋଷକ ପୋକ ତଥା ଘୋଡାପୋକ , ପତ୍ରମୋଡା ପୋକ ଏବଂ ସଂବାଳୁଆ ପୋକ ର ଆକ୍ରମଣ ଏହି ସମୟ ରେ ଫସଲ ର ବିଶେଷ କ୍ଷତି କରିପାରନ୍ତି ନାହିଁ | ତେଣୁ କୀଟନାଶକ ଔଷଧର ପ୍ରୟୋଗର ଆବଶ୍ୟକତା ହୁଏ ନାହିଁ | ପତ୍ର ପ୍ରତି 2 ଟି ପୁର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା 50 ଟି ପତ୍ରେ 50-100 ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ 2 ମିଲି ମଥାଇଲ୍ ଡିମେଟନ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ |
- ❖ ବର୍ତ୍ତମାନ ପାଗରେ ବୀଜାଣୁ ଜନିତ ପତ୍ରପୋଡା ରୋଗ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ଅଛି | ଏହି ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ 1 ଗ୍ରାମ ହିସାବ ରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ପତ୍ର ରେ ସିଂଚନ କରନ୍ତୁ |

**ଆଖୁ**

- ଆଖୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପବ ବିନ୍ଧାପେକ, ଅଗ ବିନ୍ଧାପୋକ, କାତି ପୋକ ଜାହାଜ ପୋକ ଇତ୍ୟାଦି ଦେଖାଯାଏ | ତେଣୁ ଏହାର ଦମନ ପାଇଁ ଏକର ପ୍ରତି 400 ମିଲି ଏଣ୍ଡୋସଲ୍ଫାନ୍ କିମ୍ବା 300 ମିଲି ମାଲାଥିଅନ୍ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
- ବର୍ତ୍ତମାନ ଆଖୁ ଫସଲରେ ସଅଳ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖା ଯାଇଛି | ତେଣୁ ବର୍ଗମିଟର ପ୍ରତି ଶତକଡା 5 ଭାଗ ମଲାମଞ୍ଜ ଦେଖାଗଲେ, କୋଡାଖୁସା କରି ଏକର ପ୍ରତି 4 କି. ଗ୍ରା ଫୋରେଟ୍ କିମ୍ବା 12 କିଗ୍ରା କାର୍ବୋଫ୍ୟୁରାନ୍ କିମ୍ବା 10 କିଗ୍ରା କାର୍ଟାପ ଦାନାଦାର ଦେଇ ହୁଡା ଟେକି ଦିଅନ୍ତୁ କିମ୍ବା ଏକର ପ୍ରତି 400 ମିଲି ମନୋକ୍ରୋଟୋଫସ୍ କିମ୍ବା ଟ୍ରାୟୋଜୋଫସ୍ ବା ପ୍ରୋଫେନଫସ୍ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |
- ଆଖୁ 6 ରୁ 8 ପବ ବିଶିଷ୍ଟ ହୋଇଗଲେ କାତି ପୋକ ଲାଗିବାର ସମ୍ଭାବନା ଥାଏ | ଏହାର ଦମନ ପାଇଁ ଏକର ପ୍ରତି 300 ମିଲି ମାଲାଥିଅନ୍ କିମ୍ବା 400 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |

## ଉଦ୍ୟାନ ଫସଲ

**ପନିପରିବା**

- ♠ ଶୀତ ଦିନିଆ ପନିପରିବା ଯଥା ମୂଳା, ଫୁଲ କୋବି, ବନ୍ଧା କୋବି, ଝୁଡ଼ଙ୍ଗ, ଆଦି ଲଗାନ୍ତୁ | ଟମୋଟୋ, ଫୁଲ କୋବି ଓ ବନ୍ଧାକୋବି ପାଇଁ ତଳି ପକାନ୍ତୁ | ଅତ୍ୟଧିକ ବର୍ଷାରୁ ରକ୍ଷା ପାଇବା ପାଇଁ ତଳିଘରାକୁ ଉଚ୍ଚା କରନ୍ତୁ, ଯେପରିକି ସହଜରେ ପାଣି ଛାଡିଯିବ, କିମ୍ବା ତଳିଘରା ଉପରେ ପଲିଥିନ୍ କଭର କରି ରଖନ୍ତୁ |
- ♠ ଫୁଲକୋବି ତଳି ପ୍ରସ୍ତୁତ ହୋଇଯାଇଥିଲେ ମୁଖ୍ୟ କିଆରୀରେ ଲଗାନ୍ତୁ |
- ♠ ଭେଣ୍ଡି ରେ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି 10 ଲିଟର ପାଣିରେ 5 ମିଲି ଇମିଡା କ୍ଲୋପ୍ରିଡ୍ କିମ୍ବା 20 ମିଲି ଡୋଇମେଥୋଏଟ୍ ମିଶାଇ ସିଂଚନ କରନ୍ତୁ|
- ♠ ବର୍ତ୍ତମାନ ଦିନର ତାପମାତ୍ରା ଅଧିକ ରହୁ ଥିବାରୁ ବାଇଗଣରେ ଫଳପଚା ଓ ଝାଉଁଳାରୋଗର ପ୍ରାଦୁର୍ଭାବ ଦେଖା ଯାଇଛି | ଏହାର

ଦମନ ପାଇଁ ପ୍ରତି 10 ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ମୂଳରେ ସିଂଚନ କରନ୍ତୁ ।

- ♠ ବର୍ତ୍ତମାନ ପାଗରେ କଖାରୁ ଓ କଲରାରେ ଫଳମାଛି ଲାଗିବାର ଦେଖାଯାଇଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ମିଲି ଏଣ୍ଡୋସଲ୍ଫାନ୍ କିମ୍ବା 3 ଗ୍ରାମ୍ କାର୍ବାରିଲ୍ ମିଶାଇ ସିଂଚନ କରନ୍ତୁ ।
- ♠ ବର୍ତ୍ତମାନ ପାଗରେ ଲଙ୍କା ଓ କ୍ୟାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 1.5 ମିଲି ଇଥିଅନ୍ କିମ୍ବା 2 ମିଲି କାର୍ବୋସଲ୍ଫାନ୍ କିମ୍ବା କ୍ଲୋରୋପା ଇରିଫସ୍ ମିଶାଇ ସିଂଚନ କରନ୍ତୁ ।

**ଟମାଟୋ**

- ♠ ଟମାଟୋ ତଳି 5 ରୁ 6 ପତ୍ର ବିଶିଷ୍ଟ ହୋଇଗଲେ ମୂଖ୍ୟ କିଆରୀରେ ଲଗାନ୍ତୁ । ତଳି ଗୁଡିକୁ 60 x 45 ସେମି ବ୍ୟବଧାନରେ ଲଗାନ୍ତୁ ।
- ♠ ଲଗାଇବା ପୂର୍ବରୁ ଏକର ପ୍ରତି 20 ଟନ୍ ଗୋବର ଖତ ଓ 5 ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ ।

**ଗେଣ୍ଡୁ ଫୁଲ**

- ♠ ଅଗଷ୍ଟ ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଏକ ମାସ ଅନ୍ତରରେ ଆଫ୍ରୀକୀୟ ଗେଣ୍ଡୁ ଗଛ ପର୍ଯ୍ୟାୟ କ୍ରମେ ଲଗାନ୍ତୁ ।
- ଆଫ୍ରୀକୀୟ ଗେଣ୍ଡୁ ଫୁଲର ଉନ୍ନତ କିସମ ଗୁଡିକ ହେଲା ଜାଏଣ୍ଟବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ୟେଲା, ଅର୍ଲି ଅରେଞ୍ଜ, ସେରାକୋଲା, ସନ୍ ଜାଏଣ୍ଟ, କ୍ରାଉନ୍ ଅଫ୍ ଗୋଲ୍ଡ, ସ୍ୱନ୍ ଗୋଲ୍ଡ, ଓ କ୍ୟୁପିଡ୍ ଆଦି ଲଗାନ୍ତୁ ।
- ତଳିଘରାରେ ଧାଡି କୁ ଧାଡି 5 ସେମି ବ୍ୟବଧାନରେ ବିହନକୁ 1 ସେମି ଗଭୀରରେ ବୁଣନ୍ତୁ ।
- ତଳି ବଦଳରେ ଏକର ପ୍ରତି 40 ହଜାର କଟିଙ୍ଗସ୍ ଲଗାନ୍ତୁ ।
- ଧାଡି କୁ ଧାଡି 30 ଓ ଗଛକୁ ଗଛ 10 ସେମି ବ୍ୟବଧାନରେ ଲଗାନ୍ତୁ ।

**ଆଗରୁ ତଳି ପକାଇ ଥିଲେ ଏବଂ 3 ରୁ 4 ପତ୍ରର ହୋଇଗଲେ ମୂଖ୍ୟ କିଆରୀରେ ଲଗାନ୍ତୁ।**

- ❖ ଜମି କୁ ଭଲଭାବରେ ଗୁଣ୍ଡ କରି ଏକର ପ୍ରତି 10 ଟନ୍ ଶଢା ଗୋବର ଖତ ମିଶାଇ ଦିଅନ୍ତୁ । ଗଛ ଲଗାଇବା ପୂର୍ବ ରୁ ଏକର ପ୍ରତି 40 କିଗ୍ରା ଜବକ୍ଷାରଜାନ, ୫0 କିଗ୍ରା ଫସଫରସ୍ ଓ ୫0 କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ 16 କିଗ୍ରା ଜବକ୍ଷାରଜାନ ଏକ ମାସ ପରେ କୋଡାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ ।
- ❖ କିମ୍ବା ତଳି ବଦଳରେ ଏକର ପ୍ରତି 40,000 କଟିଙ୍ଗସ୍ ଦରକାର ହୋଇଥାଏ ।
- ❖ ତଳି କୁ ଧାଡି କୁ ଧାଡି 30 ଓ ଗଛ କୁ ଗଛ 20-30 ସେମି ବ୍ୟବଧାନ ରେ ରୁଅନ୍ତୁ ।
- ❖ ତଳି ରୋଇବାର 40 ଦିନ ପରେ ଅଗ ଡାଳ ଗୁଡିକୁ ଭାଙ୍ଗି ଦିଅନ୍ତୁ ।

**ଅମୃତଭଣ୍ଡା**

- ବର୍ତ୍ତମାନ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ ।
- ହନି ଡ୍ୟୁ, କୁର୍ଗ ହନି ଡ୍ୟୁ, କୋଏମ୍ବାଟୋର୍-1, କୋଏମ୍ବାଟୋର୍-2, ପୁଷା ଡେଲିସିୟସ୍, ପୁଷା ମେଜେଷ୍ଟିକ୍, ପୁଷା ଡ୍ୱାର୍ଫ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ ।
- 2.5 ମି X 2.5 ମି ଦୁରତାରେ 0.5 X 0.5 X 0.5 ମିଟର ଗାତକରି ଗଛ ଲଗାନ୍ତୁ ।
- ସୁସ୍ଥ, ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲ୍ଚର ତଳି ଲଗାନ୍ତୁ ।
- ଲଗାଇବା ବେଳେ ଗାତ ପ୍ରତି ଦୁଇ ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ । ଏହା ସହିତ 400 ଗ୍ରାମ୍, ସି.ଏ.ଏନ୍., 250 ଗ୍ରାମ୍ ସୁପର ଓ 300 ଗ୍ରାମ୍ ଏମ୍.ଓ.ପି ପଟାସ୍ ସାର ଦେଇ ଲଗାନ୍ତୁ ।

## ପଶୁ ସମ୍ପଦ

- ❖ ଓଦା ହୋଇଥିବା ନଡାକୁ ବା ପାଳକୁ ଗାଈଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଖରାରେ ଭଲ ଭାବରେ ଶୁଖାଇ ଦିଅନ୍ତୁ ।
- ❖ ଗୁଗୁଚିଆ ଅଂଚଳକୁ ଗାଈଗୋରୁଙ୍କୁ ଚରିବାକୁ ଛାଡନ୍ତୁ ନାହିଁ ।
- ❖ ଓଦା ସନ୍ତସନ୍ତିଆ ଅଂଚଳକୁ ଗାଈଗୋରୁଙ୍କୁ ଚରିବାକୁ ଛାଡନ୍ତୁ ନାହିଁ । ନଚେତ୍ ଗାଈଗୋରୁଙ୍କୁ ଅଖିଧରା ରୋଗ ହେବାର ସମ୍ଭାବନା ଥାଏ ।
- ❖ ମାଛଚାଷ ସହିତ ବତକ ପାଳନ କରନ୍ତୁ ।
- ❖ ସବୁଦିନିଆ ଘାସ ଚାଷ ଯଥା ସଙ୍କର ନାପିଅର, ଗିନି ଘାସ, ଇତ୍ୟାଦି ଚାଷ କରିଥିଲେ ଅନାବନା ଘାସ ବାଛି ଆବଶ୍ୟକ ପରିମାଣର ଖତସାର ପ୍ରୟୋଗ କରନ୍ତୁ ।
- ❖ ବର୍ଷା ଦିନେ ଗାଈଗୋରୁଙ୍କୁ ସାଧାରଣତଃ ବେଙ୍ଗା, ଳଲାଲରକ୍ତ ଝାଡା ଓ ଘା ହୋଇଥାଏ । ଏଣୁ ନିକଟସ୍ଥ ପ୍ରାଣୀ

ଚିକିତ୍ସକଙ୍କ ପରାମର୍ଶ ନେଇ ପ୍ରାଥମିକ ଚିକିତ୍ସା କରନ୍ତୁ |

- ❖ ଗାଈଗୋରୁଙ୍କର କୃମି ନିରାକରଣ ପାଇଁ ଟିକାଦାନ ପୂର୍ବରୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ କୃମି ନାଶକ ଔଷଧ ଢ଼ହାର କରନ୍ତୁ |
- ❖ ଘର ବାଡି ଉନ୍ନତ କିସମର ଅଣ୍ଡାଦିଆ କୁକୁଡା ପାଳନ କରନ୍ତୁ |
- ❖ କ୍ଷୀର ଦେବା ଗାଈକୁ (2 ଲିଟର) ଏକ କିଗ୍ରା ଦାନା ସହିତ 50 ଗ୍ରାମ୍ ଖଣିଜ ଲବଣ ଦିଅନ୍ତୁ |
- ❖ ଗାଈଗୋରୁଙ୍କ ପାଇଁ ଆଜୋଲା ଚାଷ କରନ୍ତୁ |

**ମତ୍ସ୍ୟ ସମ୍ପଦ**

- ପୋଖରୀରେ ସପ୍ତାହରେ ଥରେ ଜାଲ ଦ୍ୱାରା ମାଛ ଗୁଡିକୁ ଧରି ଲାଳ ମୁକ୍ତ କଲେ ମାଛମାନଙ୍କ ଶରୀର ଭଲ ଭାବେ ବୃଦ୍ଧି ହୋଇଥାଏ |
- ପୋଖରୀରେ ଆବଶ୍ୟକ ଅନୁଯାୟୀ ଜୈବିକ ସାର ପ୍ରୟୋଗର ସାତ ଦିନ ପୂର୍ବରୁ ଅମ୍ଳତା 7.5 ରୁ କମ୍ ଥିଲେ ପ୍ରତି ଏକର ମିଟର ପାଣିରେ 40 କିଗ୍ରା ଚୂନ ପ୍ରୟୋଗ କରନ୍ତୁ |
- ମାଛ ଶରୀରର ଓଜନର 2-4 ପ୍ରତିଶତ ଖାଦ୍ୟ ଦିଅନ୍ତୁ | ମେଘୁଆ ପାଗରେ ଆବଶ୍ୟକ ଅନୁଯାୟୀ ଖାଦ୍ୟକୁ କମାଇ ଦିଅନ୍ତୁ |
- ପୋଖରୀରେ ନିମ୍ନ ସ୍ତରରେ ଥିବା ମାଛ ଯଥା ମିରକାଳୀ, ଓ ବିଲାତୀ ରୋହୀ ଉପର ସ୍ତରରୁ ଉଠିଲେ ଓ ପୋଖରୀର ତଳ ସ୍ତର ପଙ୍କରୁ ଦୁର୍ଗନ୍ଧ ବାହାରୁ ଥିଲେ ପ୍ରତି ଏକର ମିଟର ପାଣିରେ 20 କିଗ୍ରା ଜିଓଲାଇଟ୍ ବ୍ୟବହାର କରନ୍ତୁ |

## ପାଳ ଛତୁ

- ➢ କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ପାତ୍ରରେ (ଆଖୁ ରସ ରାନ୍ଧିବା ଟିଣ ହେଲେ ଭଲ) 100 ଲିଟର ପର୍ଯ୍ୟନ୍ତ ପାଣି ନିଅନ୍ତୁ | ସେଥିରେ 8 ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ | ସେହି ପାଣିରେ ନଡା ବିଡା ଗୁଡିକୁ ( 30 ବିଡା) 12 ରୁ 16 ଘଣ୍ଟା ପ୍ରଯ୍ୟନ୍ତ ବତୁରାଇ ଦିଅନ୍ତୁ | ତାପରେ ନଡାଛାଣି ନଡାରୁ ଅଧିକ ପାଣି ନିଗାଡି ଦେବାପାଇଁ ବିଡାଗୁଡିକୁ 2 ରୁ 3 ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଠିଆ କରି ରଖନ୍ତୁ |
- ➢ ବୋତଲ ବା ପ୍ୟକେଟରୁ ଛତୁ ମଞ୍ଜିକୁ ଅଗ ବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ |
- ➢ ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୨ ଇଞ୍ଚ ବହଳରେ ୨ ବିଡା | ଭିଜା ନଡାକୁ ଖଲି ବିଛାଇ ଦିଅନ୍ତୁ | ଯେପରି ନଡାର ମୂଳ ଭାଗ ବାହାରକୁ ରହିବ | ନଡା ସ୍ତରର ଚାରି କଡରେ ସୀମା ବା ଅଧାରୁ 4 ଇଞ୍ଚ ତଫାତରେ କେବଳ ଧାରେ ଧାରେ ରଖନ୍ତୁ |
- ➢ ବର୍ତ୍ତମାନ 2 ୟ ସତର ନଡା (୨ ବିଡାକୁ) ୨ ଇଞ୍ଚ ବହଳରେ ଉତ୍ତର-ଦକ୍ଷିଣ ଭାବରେ ବିଛାନ୍ତୁ | ତା ଉପରେ ଠିକ୍ ଛତୁ ମଞ୍ଜି ଓ ବୁଟ ଗୁଣ୍ଡ ପ୍ରୟୋଗ କରନ୍ତୁ | ତା ପରେ ତୃତୀୟ ସ୍ତର ନଡା ୨୨ ବିଡାକୁ ) ଭାଗ ପୂର୍ବ ପଶ୍ଚିମ ଭାବରେ ୨ ଇଞ୍ଚ ବହଳରେ ବଛାଇ ଦିଅନ୍ତୁ | ତା ପରେ 2 ୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ ରଖନ୍ତୁ | ଓ ରତା ଉପରେ ବଳକା 2 ୟ ଭାଗ ବୁଟ ଗୁଣ୍ଡ ପ୍ରୟୋଗ କରନ୍ତୁ |
- ➢ ଶେଷରେ ରହିଥିବା 3 ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର – ପଶ୍ଚିମ ଭାବେ (4 ର୍ଥ ସ୍ତର 2 - 3 ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ | ଭର୍ତ୍ତମାନ ଏହି ଛତୁ ବେଡ୍ କୁ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଘୋଡାଇ ଦିଅନ୍ତୁ | 2-3 ଦିନ ପରେ ପଲିଥିନ୍ ବାହାର କରି ନିଅନ୍ତୁ | ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ 3 ରୁ 4 ଥର ସ୍ପ୍ରେୟର ଦ୍ୱାରା ପାଣି ସ୍ପ୍ରେ କରନ୍ତୁ |

## ବିଶେଷ ସୂଚନା

- ➢ ଧାନ ବିଲ ହିଡମାନଙ୍କରେ ବିରି ଓ ହରଡ ଆଦି ଧାଡିରେ ବୁଣି ଦିଅନ୍ତୁ |
- ➢ ବର୍ତ୍ତମାନ ଡିପ ଜମିମାନଙ୍କରେ ପନିପରିବା ଯଥା ଭେଣ୍ଡି, ଝୁଡଙ୍ଗ, ଫୁଲକୋବି, ଗୁଆଁର, ବାଇଗଣ, ଟମାଟୋ ଓ ଲଙ୍କା କରନ୍ତୁ |
- ➢ ଖାଲି ପଡିଥିବା ନିପାଣିଆ ଡିପ ଜମିରେ ଧାନ ନକରି ଅଣଧାନ ଫସଲ ଯଥା ମୁଗ, ବିରି , ରାଶି, ଆଦି ଫସଲ କରନ୍ତୁ |
  - କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ୍ କଲ୍ କେନ୍ଦ୍ରର 1551 ନମ୍ବରକୁ ଫୋନ୍ କରନ୍ତୁ |

ଅନୁପମା ବଳିୟାରସିଂହ
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି